# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

ବିଜ୍ଞାପନ ପତ୍ର ସଂଖ୍ୟା...5832...ଜରୁରୀ, ତା...13.06.24

ଅତିରିକ୍ତ ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ, ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା – ୨୧୨୪ ତା ୦୭.୦୬.୨୦୨୪ ରିଖ ମୁତାବକ ଯାଜପୁର ଜିଲ୍ଲା ପାଇଁ ୩୬ ଗୋଟି ଅସ୍ଥାୟୀ ଲଂଚ୍ ଚାଳକ ଏବଂ ୩୧ ଗୋଟି ଅସ୍ଥାୟୀ ବୋଟ୍ ଖଲାସୀ ପଦବୀ ନିଯୁକ୍ତି ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉକ୍ତ ପଦବୀ ନିମନ୍ତେ ତା ୦୧.୦୭.୨୦୨୪ ଠାରୁ ତା ୩୧.୧୨.୨୦୨୪ ରିଖ ପର୍ଯ୍ୟନ୍ତ ମାସିକ ସ୍ଥିରିକୃତ ଦରମା ଲଂଚ୍ ଚାଳକଙ୍କ ପାଇଁ ଟ. ୧୧୧୦୦ ଙ୍କା ଓ ଲଂଚ୍ ଖଲାସୀଙ୍କ ପାଇଁ ଟ ୧୦୧୦୦ ଙ୍କା ପ୍ରଦାନ କରାଯିବ । ଉକ୍ତ ଦରଖାସ୍ତ ତା ୧୮.୦୬.୨୦୨୪ ରିଖରୁ ୨୬.୦୬.୨୦୨୪ ରିଖ ୫.୩୦ ଘଟିକା ପର୍ଯ୍ୟନ୍ତ ରେଜିଷ୍ଟର ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଜିଲ୍ଲା ଜରୁରୀ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରଙ୍କ ଠିକଣାରେ ପଠାଇବେ । ବିଳମ୍ବରେ ପ୍ରାପ୍ତ ଆବେଦନ ପତ୍ରଗୁଡିକୁ ଅଗ୍ରାହ୍ୟ କରାଯିବ । ଦରଖାସ୍ତରେ ପ୍ରାର୍ଥୀମାନେ ନିଜର ଯୋଗାଯୋଗ ଟେଲିଫୋନ୍ ନଂ ଜଣାଇବେ ।

## ଲଂଚ୍ ଚାଳକ ପଦବୀ ନିମନ୍ତେ ଯୋଗ୍ୟତା

କ) ପ୍ରାର୍ଥୀଙ୍କ ବୟସ ସୀମା ତା ୦୧.୦୭.୨୦୨୪ ରିଖ ସୁଦ୍ଧା ୧୮ ରୁ ୬୦ବର୍ଷ ମଧ୍ୟରେ ହୋଇଥିବ ।

ଖ) ପ୍ରାର୍ଥୀ ସର୍ବନିମ୍ନ ଯୋଗ୍ୟତା ସପ୍ତମ ଶ୍ରେଣୀ ପାଶ୍ କରିଥିବେ ।

ଗ) ଆବେଦନ କରୁଥିବା ପ୍ରାର୍ଥୀମାନେ ଦ୍ୱିତୀୟ ଶ୍ରେଣୀର ବୋଟ୍ ଚାଳକ ପ୍ରମାଣ ପତ୍ର ପ୍ରଦାନ କରିବେ ।

ଘ) ଶାରିରୀକ ସ୍ୱାସ୍ଥ୍ୟ ଠିକ୍ ଥିବା ପ୍ରମାଣପତ୍ର (ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀଙ୍କ ଠାରୁ) ।

ଙ) ସନ୍ତରଣ(ପହଁରା) ଶିଖିଥିବା ଦରକାର । ସେମାନେ ୨୦୦ ମିଟର ୨୦ ମିନିଟ୍‌ରେ ପହଁରି ପାରୁଥିବେ ଏବଂ ନିଜକୁ ବ୍ୟକ୍ତିଗତ ଘୋଷଣାନାମା କରାଇବେ ଯେ କୌଣସି ଅଘଟଣ ଘଟିଲେ ସେ ନିଜକୁ ଦାୟୀ ମନେ କରିବେ ।

ଚ) ରାଜ୍ୟ ବନ୍ଦର ଯନ୍ତ୍ରୀ ଙ୍କ ସଂସ୍ଥା ଅଧିନରେ ପୂର୍ବରୁ ଉକ୍ତ ପଦବୀ ପାଇଁ ଅଭିଜ୍ଞତା ହାସଲ କରିଥିବା ପ୍ରାର୍ଥୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

ଛ) ସାର୍ଟିଫିକେଟ୍ ଯାଂଚ ପରେ ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କର ଦକ୍ଷତା ପରୀକ୍ଷା ରାଜ୍ୟ ବନ୍ଦର ଯନ୍ତ୍ରୀଙ୍କର ପ୍ରାଧିକୃତ କର୍ମଚାରୀଙ୍କ ଦ୍ୱାରା କରାଯିବ ।

## ବୋଟ ଖଲାସୀ ପଦବୀ ନିମନ୍ତେ ଯୋଗ୍ୟତା

କ) ପ୍ରାର୍ଥୀଙ୍କ ବୟସ ସୀମା ତା ୦୧.୦୭.୨୦୨୪ ରିଖ ସୁଦ୍ଧା ୧୮ ରୁ ୬୦ବର୍ଷ ମଧ୍ୟରେ ହୋଇଥିବ ।

ଖ) ପ୍ରାର୍ଥୀ ସର୍ବନିମ୍ନ ଯୋଗ୍ୟତା ସପ୍ତମ ଶ୍ରେଣୀ ପାଶ୍ କରିଥିବେ ।

ଗ) ନୂତନ କରି ବୋଟ ଖଲାସୀ ପଦବୀ ନିମନ୍ତେ ଆବେଦନ କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ସରକାରଙ୍କଠାରୁ ପାଇଥିବା କ୍ରୀଉ ସାର୍ଟିଫିକେଟ୍ ପ୍ରଦାନ କରିବେ ।

ଘ) ଶାରିରୀକ ସ୍ୱାସ୍ଥ୍ୟ ଠିକ୍ ଥିବା ପ୍ରମାଣପତ୍ର (ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀଙ୍କ ଠାରୁ) ।

ଙ) ସନ୍ତରଣ(ପହଁରା) ଶିଖିଥିବା ଦରକାର । ସେମାନେ ୨୦୦ ମିଟର ୨୦ ମିନିଟ୍‌ରେ ପହଁରି ପାରୁଥିବେ ଏବଂ ନିଜକୁ ବ୍ୟକ୍ତିଗତ ଘୋଷଣାନାମା କରାଇବେ ଯେ କୌଣସି ଅଘଟଣ ଘଟିଲେ ସେ ନିଜକୁ ଦାୟୀ ମନେ କରିବେ ।

ଚ) ରାଜ୍ୟ ବନ୍ଦର ଯନ୍ତ୍ରୀ ଙ୍କ ସଂସ୍ଥା ଅଧିନରେ ପୂର୍ବରୁ ଉକ୍ତ ପଦବୀ ପାଇଁ ଅଭିଜ୍ଞତା ହାସଲ କରିଥିବା ପ୍ରାର୍ଥୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

ଛ) ସାର୍ଟିଫିକେଟ୍ ଯାଂଚ ପରେ ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କର ଦକ୍ଷତା ପରୀକ୍ଷା ରାଜ୍ୟ ବନ୍ଦର ଯନ୍ତ୍ରୀଙ୍କର ପ୍ରାଧିକୃତ କର୍ମଚାରୀଙ୍କ ଦ୍ୱାରା କରାଯିବ ।

ଜିଲ୍ଲାପାଳଙ୍କ ଆଦେଶ କ୍ରମେ
(Sd.) ୧୩.୦୬.୨୪
ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁର

ପପତ୍ର ସଂଖ୍ୟା......5833......ତା 13.06.24

ଏହାର ଏକକିତା ନକଲ ଜିଲ୍ଲା ୱେବସାଇଟ୍‌ରେ ପ୍ରକାଶ କରିବା ନିମନ୍ତେ **DeGM, OSWAN** ଙ୍କୁ ଜଣାଇଦିଆଗଲା ।

(Sd.) ୧୩.୦୬.୨୪
ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁର

ପପତ୍ର ସଂଖ୍ୟା......5834......ତା 13.06.24

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ଯାଜପୁର/ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ/ ତହସିଲଦାରମାନଙ୍କୁ ଜଣାଇ ଦିଆଗଲା, ସେମାନେ ସେମାନଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ କରିବେ ।

(Sd.) ୧୩.୦୬.୨୪
ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁର

ପପତ୍ର ସଂଖ୍ୟା......5835......ତା 13.06.24

ଏହାର ଏକକିତା ନକଲ ସହକାରୀ ଜିଲ୍ଲାପାଳ, ନିଜାରତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ସେ ଜିଲ୍ଲାପାଳଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରାଇବେ ।

(Sd.) ୧୩.୦୬.୨୪
ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁର

ପପତ୍ର ସଂଖ୍ୟା......5836......ତା 13.06.24

ଏହାର ଏକକିତା ନକଲ ରାଜ୍ୟ ବନ୍ଦର ଯନ୍ତ୍ରୀ, ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, ଭୂବନେଶ୍ୱରଙ୍କ ବିହିତ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(Sd.) ୧୩.୦୬.୨୪
ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁର